## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ,କିରେଇ
### ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର ,ସୁନ୍ଦରଗଡ
### ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ସୁନ୍ଦରଗଡ ଶାଖା

| ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୦୨ | ବୁଲେଟିନ ନମ୍ବର : ୦୩ | ତାରିଖ :୦୬.୧୨.୨୦୨୬,ମଙ୍ଗଳବାର |
|---|---|---|

## ଜିଲ୍ଲା – ଦେଓଗଡ (ଉତ୍ତର ପଶ୍ଚିମ ମାଳଭୂମି ଜଳବାୟୁ  ମଣ୍ଡଳ )

### ଗତ  ପାଞ୍ଚ ଦିନର ପାଣିପାଗ ବିବରଣୀ ଓ ବର୍ତ୍ତମାନ ଫସଲର ଅବସ୍ଥା

ଦେଓଗଡ ଜିଲ୍ଲାରେ ଗତ ପାଞ୍ଚ ଦିନ ର ସର୍ବାଧିକ ତାପମାତ୍ରା  ର  ହାରାହାରି **୨୭.୮ C**  ଓ ସର୍ବନିମ୍ନ ତାପମାତ୍ରାର ର ହାରାହାରି **୧୩.୬** ◦**C** ଅଟେ  । ଗତ ଚାରି ଦିନ ରେ  ଏହି ଜିଲ୍ଲାରେ **୦.୦ ମି.ମି.** ର ବର୍ଷା ହୋଇଛି ଅଛି । ରବି ଫସଲରେ ଉଦ୍ଭିଦ ବିକାଶ ପର୍ଯ୍ଯାୟ ଓ ଚାଷ କ୍ଷେତ କୋଡାଖୁସା କାମ ଚାଲୁରହିଛି । ରବିଧାନ ତଳିଘରା ଓ ବୁଣା ଅବସ୍ଥା ଚାଲୁରହିଛି  ।

### ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :ପାଣିପାଗ ବିବରଣୀ

ଆଗାମୀ **୦୭.୦୧.୨୦୨୬ –୧୧.୦୧.୨୦୨୬,ବୁଧବାର – ରବିବାର** ପର୍ଯ୍ୟନ୍ତ ପାଞ୍ଚଦିନର ପାଣିପାଗ  ଆଗାମୀ ପାଞ୍ଚ ଦିନରେ ଦେଓଗଡ ଜିଲ୍ଲାରେ  **ବର୍ଷା ହେବାର ସମ୍ଭାବନା ରହିନାହିଁ**  । ବାୟୁ ର ବେଗ ୩  – ୪  କି. ମି. ମଧ୍ୟରେ ବହିବାର ସମ୍ଭାବନା ରହିଛି  । ସର୍ବାଧିକ ତାପମାତ୍ରା (୨୬ – ୨୮  ◦C) ମଧ୍ୟରେ ରହିବାର ସମ୍ଭାବନା ରହିଛି  ଓ ସର୍ବନିମ୍ନ ତାପମାତ୍ରା (୧୨ -୧୩  ◦C) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୫୩  – ୬୪ %) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୧୭ – ୨୧ %) ମଧ୍ୟରେ  ରହିବାର ଭାରତ ପାଣିପାଗ ବିଭାଗ , ଭୁବନେଶ୍ୱର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୦୭-୦୧-୨୦୨୬ | ୦ | ୨୬ | ୧୨ | ୦ | ୬୪ | ୨୧ | ୪ | ୫ |
| | ୦୮-୦୧-୨୦୨୬ | ୦ | ୨୭ | ୧୨ | ୧ | ୫୮ | ୧୯ | ୪ | ୯୦ |
| | ୦୯-୦୧ -୨୦୨୬ | ୦ | ୨୭ | ୧୨ | ୩ | ୫୬ | ୧୮ | ୩ | ୨୭ |
| | ୧୦–୦୧-୨୦୨୬ | ୦ | ୨୭ | ୧୩ | ୩ | ୫୩ | ୧୭ | ୪ | ୯୦ |
| | ୧୧-୦୧-୨୦୨୬ | ୦ | ୨୮ | ୧୩ | ୩ | ୫୬ | ୨୧ | ୫ | ୩୫୨ |

## ସାଧାରଣ ପରାମର୍ଶ :

- ଆଇ . ଏମ . ଡି ର ପୂର୍ବାନୁମାନ ଅନୁଯାୟୀ ଦେଓଗଡ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିନାହିଁ । ପାଣିପାଗ ଅନୁସାରେ ବର୍ତ୍ତମାନ ସମୟରେ ବିଳମ୍ବରେ ଲଗାଯାଇଥିବା ଗହମ ୨୫ ଦିନର ହୋଇଗଲେ ତୁରନ୍ତ ଘାସ ବାଛନ୍ତୁ କିମ୍ବା ଘାସର ଦମନ ପାଇଁ ହେକ୍ଟର ପ୍ରତି ୧ କିଗ୍ରା ୨-୪ –ଡି- ସୋଡିୟମ ତୃଣନାଶକ ଔଷଧ ସିଞ୍ଚନ କରନ୍ତୁ

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ :

- ଓଟ ଫସଲରେ ପିଲ ବାହାରିବା ଓ କେଣ୍ଡା ସଂଚାର ଅବସ୍ଥା ଜଳସେଚନ ର ସଙ୍କଟ ସମୟ ଅଟେ ସେଥିପାଇଁ ଜମିର ବତର ଦେଖି ପାଣି ମଡାନ୍ତୁ
- ବର୍ଷିମ୍ ଘାସରେ ପ୍ରତି ୧୦ ଦିନ ଅନ୍ତରରେ ଜଳସେଚନ କରନ୍ତୁ

## କୃଷି ପାଣିପାଗ ଉପଦେଶ

| ଫସଲ | ଫସଲ ଅବସ୍ଥା | ଉପଦେଶ |
|---|---|---|
| ଡାଲୁଅ ଧାନ : | ତଳିପକା | • ଧାନ ତଳି ୧୫ ଦିନର ହୋଇଯାଇଥିଲେ ଶତକଡା ୨ ଭାଗ ୟୁରିୟା ସିଞ୍ଚନ କରନ୍ତୁ ତଳି ଉପାଡିବାର ଏକ ସପ୍ତାହ ପୂର୍ବରୁ ପ୍ରତି ୧୦ ଡେସିମିଲି ତଳିଘରା ରେ ୮୦୦ ଗ୍ରାମ କାରଟାପ ପ୍ରୟୋଗ କରନ୍ତୁ ଏବେଁ ୨ ରୁ ୩ ଦିନ ପାଣି ବାନ୍ଧି ରଖନ୍ତୁ |
| ରବି ସୂର୍ଯ୍ୟମୁଖୀ : | ଅଙ୍ଗୀୟ ବୃଦ୍ଧି | • ରବି ସୂର୍ଯ୍ୟମୁଖୀ ଫସଲରେ ଫସଲ ବୁଣିବାର ୪୦ – ୫୦ ଦିନ ହୋଇଯାଇଥିଲେ ଅଧିକ ଅମଳକ୍ଷମ କିସମରେ ଏକର ପ୍ରତି ୩ କିଗ୍ରା ଯବକ୍ଷାରଜାନ ଓ ସଙ୍କର ଜାତୀୟରେ ୬ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ<br>• ସାର ପ୍ରୟୋଗ ପରେ ତୁରନ୍ତ ଜଳସେଚନ ର ବ୍ୟବସ୍ଥା କରନ୍ତୁ<br>• ଫୁଲ ଫୁଟିବା ପୂର୍ବରୁ ବୋରାକ୍ସ ଦ୍ରବଣ ପ୍ରତି ଲିଟର ପାଣିରେ ୨ ଗ୍ରାମ ସିଞ୍ଚନ କରନ୍ତୁ କିମ୍ବା ଫୁଲ ଫୁଟିବା ଆଗରୁ ୨ କିଗ୍ରା ବୋରାକ୍ସ ଗୁଣ୍ଡ ପ୍ରୟୋଗ କରନ୍ତୁ<br>• ଫୁଲ ହେବାପରେ ହାତରେ ପରାଗ ସଂଗମ କଲେ ଦାନା ସଙ୍ଖ୍ୟା ଅଧିକ ହୁଏ |
| କନ୍ଦମୂଳ : | ଅଙ୍ଗୀୟ ବୃଦ୍ଧି | • କନ୍ଦମୂଳ ଫସଲରେ କନ୍ଦମୂଳ ଲଗାଇବାର ୨୫ – ୩୦ ଦିନର ହୋଇଗଲେ ଫସଲକୁ କୋଡାଖୁସା କରି ଏକର ପ୍ରତି ୩୭.୫ କିଗ୍ରା ଯବକ୍ଷାରଜାନ ଓ ୩୭.୫ କିଗ୍ରା ପଟାସ ସାର ଦେଇ ହୁଡା ଟେକି ଦିଅନ୍ତୁ ଏହାଦ୍ୱାରା ଭଲ ଅମଳ ହୁଏ<br>• ସାର ଦେଇ ମାଟିର ବତର ଦେଖି ଜଳସେଚନ କରନ୍ତୁ |
| ରବି ମକା : | ଅଙ୍ଗୀୟ ବୃଦ୍ଧି | • ସଅଳ ଫସଲ ୬- ୭ ସପ୍ତାହର ହୋଇଥିଲେ ଦ୍ୱିତୀୟ ଥର ପାଇଁ କୋଡାଖୁସା କରି ଏକର ପ୍ରତି ୮ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ<br>• ବର୍ତ୍ତମାନ ର ପାଣିପାଗ ଅନୁସାରେ ମାଟିର ବତର କୁ ଦେଖି ଜଳସେଚନ କରନ୍ତୁ କୌଣସି ଅବସ୍ଥାରେ ୬ ଘଣ୍ଟାରୁ ଅଧିକ ସମୟ ଠିଆ ପାଣି ରଖନ୍ତୁ ନାହିଁ<br>• ରାସାୟନିକ ନିୟନ୍ତ୍ରଣ ହିସାବରେ ପ୍ରତି ଲିଟର ପାଣିରେ ୨ ମିଲି କ୍ଲୋରୋପାଇରିଫସ ଶତକଡା ୨୦ ଇସି କିମ୍ବା ମନୋକ୍ରୋଟଫସ ଶତକଡା ୩୬ |

| | | |
|---|---|---|
| | | ଏସଏଲ ମିଶାଇ ସିଞ୍ଚନ କରନ୍ତୁ |
| ଡାଲିଫସଲ: | ଅଙ୍ଗୀୟ ବୃଦ୍ଧି | • ପାଣିପାଗ ଅନୁସାରେ ବର୍ତ୍ତମାନ ସମୟରେ ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ<br>• ବର୍ତ୍ତମାନ ର ଥଣ୍ଡା ପାଗ ଅନୁସାରେ ଡାଲି ଫସଲରେ ପାଉଁଶିଆ ରୋଗ ର ଆଶଙ୍କା ରହିଥାଏ ଏହାର ନିରାକରଣ ପାଇଁ ଏକର ପ୍ରତି ୧ କିଗ୍ରା ସଲଫର ସେଚିତ ଗୁଣ୍ଡ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ |
| ରବି ଚିନାବାଦାମ : | ଅଙ୍ଗୀୟ ବୃଦ୍ଧି | • ବର୍ତ୍ତମାନ ର ପାଗ ଅନୁସାରେ ରବିଚିନାବାଦାମରେ ଚେର ସଢା ରୋଗ ଲାଗିବାର ସମ୍ଭାବନା ଦେଖାଦେଲେ ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ ମେଟାଲାକ୍ସିଲ୍ ଓ ମାଙ୍କୋଜେବ ମିଶ୍ରଣ କୁ ମିଶାଇ ସିଞ୍ଚନ କରନ୍ତୁ<br>• ରବି ଚିନାବାଦାମରେ ଅଙ୍କୁରସଢା ରୋଗ  ଲାଗିବାର ଦେଖାଦେଲେ ଏହାର ଦମନ ପାଇଁ ଗଛ ଦୁଇ ପତ୍ରର ହୋଇଗଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ମିଶାଇ ସିଞ୍ଚନ କରନ୍ତୁ |
| ପନିପରିବା : | ବୁଣିବା /ଅଙ୍ଗୀୟ ବୃଦ୍ଧି : | • ବର୍ତ୍ତମାନ ସମୟରେ ପନିପରିବାରେ  ଫୁଲକୋବି ଫସଲରେ ଶତକଡା ୦.୨ (ପ୍ରତି ଲିଟର ପାଣିରେ ୨ ଗ୍ରାମ) ଭାଗ ବୋରାକ୍ସ ସିଞ୍ଚନ କଲେ ପଚା ହୁଏ ନାହିଁ<br>• ବାଇଗଣ ଓ ଟାମାଟୋ ସମେତ ଅନ୍ୟାନ୍ୟ ପନିପରିବାରେ ବୀଜାଣୁ ଜନିତ ଝାଉଁଳା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ୧୦ ଲିଟର ପାଣିରେ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ମୂଳମାଟି ଭିଜିଲା ପରି ସିଞ୍ଚନ କରନ୍ତୁ |
| କୁକୁଡ଼ା ଙ୍କ ଯତ୍ନ : | | • ପାଣିପାଗ ଅନୁସାରେ ବର୍ତ୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡ଼ା ଚିଆଁ କୁ ରକ୍ଷା କରିବା ପାଇଁ ୩ ରୁ ୪ ସପ୍ତାହ ପର୍ଯ୍ୟନ୍ତ କୁକୁଡ଼ା ଘରେ ବିଦ୍ୟୁତ ଚୁଲା ବ୍ୟବହାର ନିତ୍ୟାନ୍ତ କରନ୍ତୁ କିମ୍ବା କୁକୁଡ଼ାଘରକୁ ଅଖା ଦ୍ୱାରା ଢାଙ୍କି ବଲ୍ବ ଜଳାନ୍ତୁ |

**କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।**

*ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ କେଜ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)*

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍/ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା

ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମନ୍ତେ ବିକ୍ରି ହେଉଅଛି |

*ନୋଡାଲ ଅଫିସର, କିରେଇ*